# ଆଡ୍‌ମିଟ୍ କାର୍ଡରେ ତ୍ରୁଟି; ଛାତ୍ରଛାତ୍ରୀ ହଇରାଣ

କଣାସ, ୯।୧(ସମିସ)



ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପଢ଼ିବା ପାଇଁ କଣାସ ବ୍ଲକ୍‌ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଆଡ୍‌ମିଟ୍ କାର୍ଡରେ ଅନେକ ତ୍ରୁଟି ଯୋଗୁଁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ହଇରାଣ ହରକତ ହୋଇଥିଲେ। ଆଡ୍‌ମିଟ୍ କାର୍ଡରେ ଓଏଭି ଯାମଲଗୋଦା ପରିବର୍ତ୍ତେ ଓଏଭି କଣାସ ଲେଖାଯାଇଥିବାରୁ ଅନେକ ଛାତ୍ରଛାତ୍ରୀ ଓ ଅଭିଭାବକ କଣାସରେ ପହଞ୍ଚି ହତବାକ୍ ହୋଇଥିଲେ। ଜୀବନ ମୂର୍ଚ୍ଛାରେ ସେଠାରୁ ୧୮ କିଲୋମିଟର ଦୂର ଯାମଲଗୋଦାକୁ ତରବରରେ ଆସି ପହଞ୍ଚିଥିଲେ। ଏହି ଘଟଣାରେ କୌଣସି ସଠିକ୍ ସୂଚନା ଦିଆଯାଇ ନ ଥିବାରୁ ଅଭାଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯାମଲଗୋଦା ଗେଟ୍ ସମ୍ମୁଖରେ ଲେଖାଯାଇଥିବା ବେଳେ ଆଡ୍‌ମିଟ୍ କାର୍ଡରେ ପରୀକ୍ଷା କେନ୍ଦ୍ର ଓଏଭି କଣାସ, ପୁରୀ ଲେଖାଯାଇଛି। କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରାଙ୍କୁ ଏ ସମ୍ପର୍କରେ ପଚାରିବାରୁ ଭୁଲ୍‌ବଶତଃ ଏଭଳି ହୋଇଯାଇଛି। ଆଗାମୀ ଦିନରେ ଏଭଳି ନ ହେବା ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଇବୁ।

ସରକାରୀ କଣାସ ଉଚ୍ଚ ବିଦ୍ୟାଳୟ, ଜଙ୍କିଆ ଗଡ଼ସାହି ବିଦ୍ୟାନିକେତନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯାମଲଗୋଦା ତିନିଟି କେନ୍ଦ୍ରରେ ଶୁକ୍ରବାର ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ପାଇଁ ୨୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବାବେଳେ ସେଥିମଧ୍ୟରୁ ୨୯୨ ଜଣ ପରୀକ୍ଷା ଦେଇଥିଲେ। ସପ୍ତମ ଶ୍ରେଣୀ ପାଇଁ ମୋଟ୍ ୨୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଅଷ୍ଟମ ଶ୍ରେଣୀ ପାଇଁ ୭ରୁ ୬ ଜଣ ପରୀକ୍ଷା ଦେଇଥିଲେ। ସେହିପରି ଜଙ୍କିଆ ଗଡ଼ସାହି ବିଦ୍ୟାନିକେତନରେ ୨୦୦ରୁ ୧୯୪ ଜଣ ଛାତ୍ରଛତ୍ରୀ ପରୀକ୍ଷା ଦେଇଥିବାବେଳେ ୬ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ଯାମଲଗୋଦାରେ ୨୨୦ରୁ ୨୧୨ ଜଣ ପରୀକ୍ଷା ଦେଇଥିଲେ। ଷଷ୍ଠ ଶ୍ରେଣୀ ପାଇଁ ମୋଟ ୭୧୯ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୬୯୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୧ ଜଣ ଅନୁପସ୍ଥିତ ଥିଲେ। କଣାସ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା, ତ୍ରିଲୋଚନପୁର ପ୍ରଧାନଶିକ୍ଷକ ରଘୁନାଥ ବେହେରା, ତିପୁରୀ ପ୍ରଧାନଶିକ୍ଷକ ଶିଶିର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳନା ହୋଇଥିବା କଣାସ ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।

**୭୨୮ ଛାତ୍ରଛାତ୍ରୀ ଦେଲେ ଆଦର୍ଶ ପ୍ରବେଶିକା ପରୀକ୍ଷା**

## ରାଜ୍ୟସ୍ତରୀୟ ଶାରଳା କପ୍ କ୍ରିକେଟ୍

# ଚଳିତ ବର୍ଷ ହେବ ଟଙ୍କାର ବର୍ଷା

ଅସ୍ତରଙ୍ଗ, ୯।୧(ସମିସ): ଚଳିତ ବର୍ଷ ଅସ୍ତରଙ୍ଗରେ ହେବାକୁ ଥିବା ୩୩ତମ ରାଜ୍ୟସ୍ତରୀୟ ଶାରଳା କପ୍ କ୍ରିକେଟ ମ୍ୟାଚ୍ ପାଇଁ ପ୍ରସ୍ତୁତି ଦ୍ରୁତଗତିରେ ଆଗେଇ ଚାଲିଛି। ଚଳିତ ବର୍ଷ କ୍ରିକେଟପ୍ରେମୀ ଏବଂ ଖେଳାଳିଙ୍କୁ ଆକୃଷ୍ଟ କରିବା ପାଇଁ ଟଙ୍କାର ବର୍ଷା କରାଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏହି ରାଜ୍ୟସ୍ତରୀୟ ମ୍ୟାଚ୍‌ରେ ମୋଟ ୮ଟି ଦଳ ଖେଳିବେ। କ୍ୱାର୍ଟର ଖେଳୁଥିବା ଦଳ ମଧ୍ୟରେ ମ୍ୟାଚ୍‌ରେ ରନର୍ସଅପ୍ ଦଳକୁ ୫୦୦୦ ଟଙ୍କା, ସେମି ଫାଇନାଲରେ ରନର୍ସଅପ୍ ଦଳକୁ ୧୦ ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିଭଳି ଫାଇନାଲ ମ୍ୟାଚ୍‌ରେ ବିଜୟୀ ଦଳକୁ ୩୫,୦୦୧ ଓ ରନର୍ସଅପ୍ ଦଳକୁ ୨୫,୦୦୧ ଟଙ୍କା ପ୍ରଦାନ କରାଯିବ। ସେହିପରି ପ୍ରତ୍ୟେକ ଦିନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପାଇଁ ୨୦୦୦ ଟଙ୍କା, ପ୍ରତି ୧ ରନ୍‌କୁ ୧୦ ଟଙ୍କା, ପ୍ରତି ୨ ରନ୍‌କୁ ୨୦ ଟଙ୍କା, ପ୍ରତି ୩ ରନ୍‌କୁ ୩୦ ଟଙ୍କା, ପ୍ରତି ୪ ରନ୍‌କୁ ୫୦ ଟଙ୍କା ଏବଂ ପ୍ରତି ଛକାକୁ ୨୦୦ ଟଙ୍କା ରହିଥିବାବେଳେ ପ୍ରତି ୱିକେଟ୍‌କୁ ୫୦ ଟଙ୍କା ପୁରସ୍କାର ରହିଛି। ମ୍ୟାଚ୍‌ରେ ଯଦି କୌଣସି ବ୍ୟାଟ୍ସ ମ୍ୟାନ ୧୦୦ ରନ୍ କରନ୍ତି ତାଙ୍କୁ ଗୋଟିଏ ଏଲ୍‌ଇଡି ଟିଭି ପ୍ରଦାନ କରାଯିବା ପାଇଁ ସୁଦୀପ୍ତ ରାଉତ ଘୋଷଣା କରିଛନ୍ତି। ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଲବ୍‌ର ସଭାପତି ଯୁଗଳ କିଶୋର ମହାନ୍ତି ଏହି ସୂଚନା ଦେଇଛନ୍ତି। ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ସମ୍ପାଦକ ସନ୍ତୋଷ କୁମାର କାଣ୍ଡି, ସହ ସମ୍ପାଦକ ମନୋଜ ଛାଟୋଇ, କୋଷାଧ୍ୟକ୍ଷ ଦ୍ରୁପଦ କୁମାର ଭୋଳ, ଉପଦେଷ୍ଟା ହୃଷୀକେଶ ଛାଟୋଇ, ମିଡିଆ ସେଲ ସମ୍ପାଦକ ପ୍ରକାଶ ନାୟକ, ସଂଯୋଜକ ଦୁର୍ଗାଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଯାନବାହନ ଯାଞ୍ଚ; ଜରିମାନା ଆଦାୟ

ସାକ୍ଷୀଗୋପାଳ, ୯।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟରେ ସତ୍ୟବାଦୀ ପୁଲିସ ତରଫରୁ ଯାନବାହନ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ୨ଟି ଯାତ୍ରୀବାହୀ ବସ୍‌କୁ ୨ ଲକ୍ଷ ୪୦ ହଜାର ୧ ଟଙ୍କା, ଗୋଟିଏ ଟ୍ରାକ୍ଟରକୁ ୩୨ ହଜାର, ୨ଟି ଅଟୋକୁ ୨୦ ହଜାର ଟଙ୍କା ଓ ବେଆଇନ ବାଲି ଚାଲାଣ କରୁଥିବା ୨ଟି ହାଇୱାକୁ ୨ ଲକ୍ଷ ୧୦ ହଜାର ୫୦୦ ଟଙ୍କା ଜରିମାନା କରାଯାଇଛି। ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରା ସଦଳବଳେ ଏହି ଯାଞ୍ଚ କରିଥିଲେ।

# ଦୟା ନଦୀ ଓ ବନ୍ଧ ଯାଞ୍ଚ କଲେ ବିଧାୟକ ଓ ବିଭାଗୀୟ ଅଧିକାରୀ

କଣାସ, ୯।୧(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଖାଲୁଆ ଅଞ୍ଚଳ ରୂପେ ସରକାରୀ ନଥିପତ୍ରରେ ଚିତ୍ରଣ ହୋଇଥିବାବେଳେ ଏହି ଅଞ୍ଚଳରେ ଦୟା, ମକରା, ଲୁଣା, ରାଜୁଆ, କାଣିଆ ନଦୀ ସମେତ ୨୨ଟି ନାଳ କଣାସ ବ୍ଲକ୍‌କୁ ସାପପରି ଘେରି ରହିଛି। ଦୟାନଦୀ ପୋତି ହୋଇ ବନ୍ୟା ସମୟରେ ବିଭୀଷିକା ସୃଷ୍ଟି କରୁଥିବାରୁ ଶୁକ୍ରବାର ଖନନ ପାଇଁ ସ୍ଥାନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ର ଡ୍ରେନେଜ୍ ବିଭାଗର ଉଚ୍ଚ ଅଧିକାରୀ, ଖୋର୍ଦ୍ଧା ଜଳସେଚନ ବିଭାଗର ଉଚ୍ଚ ଅଧିକାରୀ, କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରି ପୋତି ହୋଇଥିବା ଦୟା ନଦୀ ଶଯ୍ୟା ବୁଲି ଦେଖିଥିଲେ। ତିରମଲର ପାଣ୍ଡିଆବିଲିଠାରୁ ଦୋକନ୍ଦା ପର୍ଯ୍ୟନ୍ତ ଦୟାନଦୀର ଡାହାଣ ପାଶ୍ୱର୍ ବନ୍ଧ ସୁଦୃଢ଼ କରିବା ସହିତ ବନ୍ଧକୁ ଅଧିକ ଓସାର କରିବା ଓ ରାଜୁଆ ନଦୀର ବାମ ପାଶ୍ୱର୍ ବନ୍ଧ ଉନ୍ନତୀକରଣ କରିବା ପାଇଁ ଖୋର୍ଦ୍ଧା ଜଳସମ୍ପଦ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଦୟାନଦୀର ତିରିମଲଠାରୁ ବୋତଲମା ପର୍ଯ୍ୟନ୍ତ ନଦୀ ଖନନର ଶୁଭାରମ୍ଭ କରାଯିବା ସହିତ ଲୁଣା ନଦୀ ମଧ୍ୟ ଖନନ କରାଇବା ପାଇଁ ଡ୍ରେନେଜ୍ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଖୋର୍ଦ୍ଧା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ୍, ସହକାରୀ ନିର୍ବାହୀ ଯନ୍ତ୍ରୀ ପାକିଜା ହୁସେନ, ସହକାରୀ ଯନ୍ତ୍ରୀ ସନତ ମଲ୍ଲିକ ଉପସ୍ଥିତ ଥିବାବେଳେ ଡ୍ରେନେଜ୍ ବିଭାଗର ଏସ୍‌ସି ରମାକାନ୍ତ ମଲ୍ଲିକ, ଏସ୍‌ଡିଓ ବସନ୍ତ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ କର୍ମୀ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କଣାସ, ୯।୧(ସମିସ): କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତ ଡିମିରି ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ରାଜ କିଶୋର ଦାସଙ୍କର ୯୫ ବର୍ଷ ବୟସରେ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କ ଶବକୁ ଗ୍ରାମବାସୀମାନେ ଗ୍ରାମ୍ୟ ଶ୍ମଶାନକୁ ନେଇ ଶବ ସଂସ୍କାର କରିଥିଲେ। ପୁତ୍ର ସଂଗ୍ରାମ କେଶରୀ ଦାସ ମୁଖାଗ୍ନି ଦେଇଥିଲେ।

# କଣାସରେ ବ୍ୟାପିଲା ଜଣ୍ଡିସ୍

କଣାସ, ୯।୧(ସମିସ): କଣାସ ବ୍ଲକ୍‌ରେ ପ୍ରବାହିତ ହେଉଥିବା ଦୟାନଦୀର ଜଳ ପ୍ରଦୂଷିତ ଯୋଗୁଁ ବର୍ଷ ତମାମ ଝାଡ଼ାବାନ୍ତି ଲାଗିରହୁଛି। କିଛିଦିନ ହେଲା ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇ ୯ ଜଣ ବ୍ୟକ୍ତି ଭୁବନେଶ୍ୱର ଓ କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# ମଣିଜଙ୍ଗ ପବିତ୍ର ନୋଡାଲ ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ନିମାପଡ଼ା, ୯।୧(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ପବିତ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ, ମଣିଜଙ୍ଗରେ ବାର୍ଷିକ କ୍ରୀଡ଼ା ଉତ୍ସବ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଲଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ନୀଳାଦ୍ରି ନାଥ ମଙ୍ଗରାଜ, ମୁଖ୍ୟବକ୍ତା ଭାବେ ଅଲଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ବାରିକ ଓ ସମ୍ମାନିତ ଅତିଥିଭାବେ ମୋ ସ୍କୁଲ ପଞ୍ଚଶିକ୍ଷା ସେତୁ ସଂଗଠନର ଅଧ୍ୟକ୍ଷ ବୀରବର ପରିଡ଼ା ଯୋଗଦେଇ ସାଧାରଣ ଶିକ୍ଷା ସହିତ ଯୋଗ ଶିକ୍ଷାର ଆବଶ୍ୟକତା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୋ ସ୍କୁଲ ଏସ୍‌ଏମ୍‌ସି ସଭାପତି ମୁଖ୍ୟ ଅତିଥି, ନୀଳାଦ୍ରି ନାଥ ମଙ୍ଗରାଜ ମୁଖ୍ୟ ବକ୍ତା, ବୀରବର ପରିଡ଼ା ଓ ସିଆର୍‌ସିସି ଚିତ୍ତରଞ୍ଜନ ଲେଙ୍କା ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନଙ୍କ ସମେତ ବନିତା ବେହେରା, ହରପ୍ରିୟା ବେହେରା, କାହ୍ନୁ ଚରଣ ସାହାଣୀ, ଚିତ୍ରସେନ ସାହୁ, ଜ୍ୟୋତ୍ସ୍ନାବାଳା ଦାଶ, ରଜନୀକାନ୍ତ ମହାରଣା, ସତ୍ୟନାରାୟଣ ମହାପାତ୍ର, ରାଜଲକ୍ଷ୍ମୀ ପଣ୍ଡା, ସୁଦ୍ଧାରାଣୀ ସାହୁ, ତୃପ୍ତିମୟୀ ସେଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ ଶିକ୍ଷକ ସତ୍ୟନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୧୧୨ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

ନିମାପଡ଼ା, ୯।୧(ସମିସ): ନିମାପଡ଼ା ଅବକାରୀ ବିଭାଗର ଅଧିକାରୀ ପ୍ରଭାକର ସେଠୀ ଉକ୍ତ ଥାନା ଅନ୍ତର୍ଗତ ବିଷ୍ଣୁପୁର ଛକ ନିକଟରୁ ଭାଗୀରଥି ମଲ୍ଲିକ ନାମକ ଜଣେ ଯୁବକକୁ ଗିରଫ କରିବା ସହ ତା' ନିକଟରୁ ୧୧୨ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଜବତ କରିଛି। ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନରେ ଭାଗୀରଥି ବିଷ୍ଣୁପୁର ଗ୍ରାମ ଛକରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବାବେଳେ ନିମାପଡ଼ା ଅବକାରୀ ବିଭାଗର ଅଧିକାରୀ ପ୍ରଭାକର ସେଠୀ ଓ ଟିମ୍ ସେଠାରେ ଚଢ଼ଉ କରି ଗିରଫ କରିଥିଲେ। ଜବତ ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଭାଗୀରଥିଙ୍କୁ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଉପକାରାଗାରକୁ ପଠାଇ ଦିଆଯାଇଛି।

# ନିମାପଡ଼ା କପ୍ କ୍ରିକେଟ୍: ଫାଇନାଲରେ ଖୋର୍ଦ୍ଧା ଓ ଭୁବନେଶ୍ୱର



ନିମାପଡ଼ା, ୯।୧(ସମିସ): ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନ ଦ୍ୱାରା ସ୍ଥାନୀୟ ବାରବାଟୀ ପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୩୦ତମ ନିମାପଡ଼ା କପ୍ ଓ ଦ୍ୱିତୀୟ ତାପସ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ୍‌ରେ ପରସ୍ପରକୁ ଭେଟିଥିଲେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ ଓ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର। ପ୍ରଥମେ ଟସ୍ ଜିଣି ଖୋର୍ଦ୍ଧା ବ୍ୟାଟିଂ କରି ୩୦ ଓଭରରେ ୮ ୱିକେଟ ହରାଇ ୨୩୪ ରନ୍ କରିଥିଲା। ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ୫୯ ଓ ରଣଜିତ ପାଇକରାୟ ୪୬ ରନ୍ ସଂଗ୍ରହ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ବୋଲର ଏମ୍.ଜି.ଗୋପାଳ ୫ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ବ୍ୟାଟିଂ କରି ୨୭.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୭୫ ରନ୍ କରିବାରେ ସକ୍ଷମ ହୋଇଥିଲା। ଫଳରେ ଖୋର୍ଦ୍ଧା ୫୯ ରନ୍‌ରେ ବିଜୟଲାଭ କରିଥିଲା। ଆସନ୍ତା ରବିବାର ଫାଇନାଲ୍ ମ୍ୟାଚ୍ ପ୍ରଗତୀ ସ୍ପୋର୍ଟିଂ ଭୁବନେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଅକ୍ଷୟ ବେହେରା ପ୍ରକାଶ କରିଛନ୍ତି। ମୁଖ୍ୟ ଅତିଥିଭାବେ ନିମାପଡ଼ା ଏନ୍‌ଏସିର ପୂର୍ବତନ କାଉନ୍‌ସିଲର ଅରୁଣ ପ୍ରସାଦ ଦାଶ, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, ବାସୁଦେବ ଜୁଏଲାରୀ ପ୍ରୋପାଇଟର ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ବତନ ଖେଳାଳି ସରୋଜ ମହାନ୍ତି, ଜେନିଥ୍ ଟ୍ୟୁଟୋରିଆଲର ଅଧ୍ୟକ୍ଷ ପବିତ୍ର ମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇ ରାକେଶ ପଟ୍ଟନାୟକଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ମ୍ୟାଚ୍‌କୁ ପରିଚାଳନା କରିଥିଲେ କ୍ରୀଡ଼ାବିତ୍ ନିର୍ମଳ କୁମାର ମିଶ୍ର ଏବଂ ତ୍ରିଭୁବନ ଦାଶ। ବିଶ୍ୱଜିତ୍ ତ୍ରିପାଠୀ, ଅଭିନନ୍ଦନ ପାତ୍ର, ଆନନ୍ଦ ମଲ୍ଲିକ, ଅଭିଜିତ୍ ମିଶ୍ର, ଅଶୋକ ସାହୁ, ସଂଗ୍ରାମ ପ୍ରଧାନ, ଆଶୁତୋଷ ରାୟ, ଶ୍ରୀତମ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶନିବାର ସାକ୍ଷୀଗୋପାଳ ଓ ନିମାପଡ଼ା କ୍ରିକେଟ ଟିମ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହେବ।

# ଅଷ୍ଟଶମ୍ଭୁ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ପିପିଲି, ୯।୧(ସମିସ): ପିପିଲି ବ୍ଲକ୍ ଅନ୍ତର୍ଗତ ଅଷ୍ଟଶମ୍ଭୁ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ଧରି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱାତିକା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ ତଥା ସାହିତ୍ୟିକ ଅର୍ଜୁନ ଘଡ଼େଇ ମୁଖ୍ୟ ଅତିଥି, ଅର୍ଜୁନ ପରମଗୁରୁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ରଘୁନାଥ ପ୍ରଧାନ, ଉଦ୍ଧବ ଚନ୍ଦ୍ର ଦାଶ, ପୂର୍ବତନ ଶିକ୍ଷକ, ସରପଞ୍ଚ ଝରଣା ବରାଳ, ସମିତିସଭ୍ୟା ମିନତୀ ନନ୍ଦ ଓ କମିଟି ସଭ୍ୟ/ସଭ୍ୟା ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀ ଉତ୍ତମ ଶିକ୍ଷା ଲାଭ ସହ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଞ୍ଜୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଭା ରାୟଙ୍କ ସହ ସମସ୍ତ ଶିକ୍ଷକ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।



# ବନ୍ଦେ ମାତରମ୍‌ର ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ



କୃଷ୍ଣପ୍ରସାଦ, ୯।୧(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହରେ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଅବସରରେ ବ୍ଲକ୍‌ସ୍ତରୀୟ ପ୍ରଶିକ୍ଷଣ ଓ ସାମୂହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ବିଡିଓ ଅମୀୟ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଆର୍‌ସିସି ସିଦ୍ଧେଶ୍ୱର କରଣ, ବ୍ଲକ୍ ସିପି ପ୍ରଭାତ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମଶାଳାରେ ମାଲୁଦ, ନୂଆପଡ଼ା ଜୋନ୍‌ର ୭୭ଟି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ରାଷ୍ଟ୍ର ସଂଗୀତର ମହତ୍ତ୍ୱ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ବିଦ୍ୟାଳୟମାନଙ୍କରେ ଏହି କାର୍ଯ୍ୟକ୍ରମ ଅଧିକରୁ ଅଧିକ କିଭଳି ତ୍ୱରାନ୍ୱିତ ହେବ ସେ ଦିଗରେ ତାଲିମ ପ୍ରଦାନ କରିଥିଲେ। ସାନସୀମା ନୋଡାଲ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଶଙ୍କର୍ଷଣ ଦାଶ, ପିରିଜିପୁର ହାଇସ୍କୁଲ ସହକାରୀ ଶିକ୍ଷକ ପ୍ରଶାନ୍ତ ଦାସ, ରୁକ୍ମଣୀ ଦେବୀ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ସୁମିତ୍ରା ପ୍ରଧାନ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶନିବାର ସାତପଡ଼ା ସର୍କଲ ହରିହର ବିଦ୍ୟାପୀଠ ପଣସପଦା ପରିସରରେ ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁଙ୍କ ନେତୃତ୍ୱରେ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି।

# ୧୯୭୩ ଓ ୭୪ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ



ନୟାହାଟ, ୯।୧(ସମିସ): ଗୋପ ବ୍ଲକ୍ ନୟାହାଟ ହାଇସ୍କୁଲର ୧୯୭୩, ୧୯୭୪ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ ପାଣିଛତ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ପାଠ ପଢ଼ିବା ସମୟର ସେ ଅଭୁଲା ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇଥିଲେ। ଉକ୍ତ ବନ୍ଧୁ ମିଳନରେ ସୁରେନ୍ଦ୍ର ମୋହନ ବିଟି, ଗୌରାଙ୍ଗ ସାହୁ, ସଚିଦାନନ୍ଦ ମହାନ୍ତି, ପ୍ୟାରିମୋହନ ପ୍ରଧାନ, ନିରଞ୍ଜନ କର, କୈଳାସ ଚନ୍ଦ୍ର ଦାସ, ବିପିନ ରାୟ, କୃଷ୍ଣ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ତ୍ରିପାଠୀ, ମନମୋହନ ଦାସ, ନିରଞ୍ଜନ ସାବତ, ସୁଶୀଳା ସାହୁ, ସଂଯୁକ୍ତା ବାରିକ, ସଳିଳା ନାୟକ ପ୍ରମୁଖ ଯୋଗଦେଇଥିଲେ।

# ସତ୍ୟବାଦୀ ଓଏଭିକୁ 'ଶ୍ରେଷ୍ଠ ବିଦ୍ୟାଳୟ' ପୁରସ୍କାର

● ପରିବେଶ ସୁରକ୍ଷା କ୍ଷେତ୍ରରେ ଜାତୀୟସ୍ତରରେ ବାଜିମାତ୍

ସାକ୍ଷୀଗୋପାଳ, ୯।୧(ସମିସ): ଓଡ଼ିଶାର ଶିକ୍ଷା ଓ ପରିବେଶ ସଚେତନତା କ୍ଷେତ୍ରରେ ପୁଣି ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି ପୁରୀ ଜିଲ୍ଲା ସତ୍ୟବାଦୀସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଅନୁଷ୍ଠାନ ଟେରି ପଲିସି ସେଣ୍ଟର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ସହ ମିଳିତ ଭାବେ ଦୀର୍ଘ ଦିନ ଧରି ପରିବେଶ ସୁରକ୍ଷା ଓ ସଚେତନତା ପାଇଁ କାର୍ଯ୍ୟ କରିଆସୁଛି। ଏହି ଅଲିମ୍ପିଆଡ୍ ମାଧ୍ୟମରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରକୃତି ଓ ପରିବେଶ ପ୍ରତି ଆଗ୍ରହ ସୃଷ୍ଟି କରାଯାଇଥାଏ। ଚଳିତ ବର୍ଷ ପ୍ରତିଯୋଗିତାରେ ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ଜାତୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ ହେତୁ ଅନୁଷ୍ଠାନ ତରଫରୁ 'ଶ୍ରେଷ୍ଠ ବିଦ୍ୟାଳୟ' ପୁରସ୍କାର ଲାଭ କରିଛି ଓଏଭି ସତ୍ୟବାଦୀ।





ମହାରାଷ୍ଟ୍ରର ପୁଣେସ୍ଥିତ 'ପତ୍ରକାର ଭବନ' ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଭାରତର ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣର ଅଧ୍ୟକ୍ଷ ପ୍ରକାଶ ଜାଭଡେକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସତ୍ୟବାଦୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବିଦ୍ୟାଳୟକୁ ଶ୍ରେଷ୍ଠ ସମ୍ମାନ ମିଳିବା ସହ କିଛି କୃତି ଛାତ୍ରଛାତ୍ରୀ ମଧ୍ୟ ନିଜର ବୁଦ୍ଧିମତ୍ତା ଓ ପରିବେଶ ସମ୍ବନ୍ଧୀୟ ଜ୍ଞାନ ପାଇଁ ବ୍ୟକ୍ତିଗତ ଭାବେ ପୁରସ୍କାର ଗ୍ରହଣ କରିଛନ୍ତି।

# ଚାରିଛକ ଥାନାରେ ଆମ ପୁଲିସ କାର୍ଯ୍ୟକ୍ରମ



ଚାରିଛକ, ୯।୧(ସମିସ): ପୁରୀ ଜିଲ୍ଲା ଚାରିଛକ ଥାନାର ୩ ବର୍ଷ ପୂର୍ତ୍ତି ଉପଲକ୍ଷେ ଥାନା ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ୍ ସିଂ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସଚିନ୍ ପଟେଲ, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଶିକ୍ଷାବିତ୍ ଡ. ସନ୍ତୋଷ କୁମାର ମିତ୍ର ଯୋଗଦେଇ ଜନତା ଓ ପୁଲିସ ମଧ୍ୟରେ ସୁସମ୍ପର୍କ ରହିଲେ ଅଞ୍ଚଳରୁ ଚୋରି, ରାହାଜାନି କମିବା ସହିତ ଜନସାଧାରଣ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ମୁଖ୍ୟ ଅତିଥି ଏସ୍‌ପି ଶ୍ରୀ ସିଂ ମତବ୍ୟକ୍ତ କରିଥିଲେ। ନିୟମିତ ରାତ୍ରି ପାଟ୍ରୋଲିଂ ସହ ଅନେକ ବେଆଇନ ଖଣିଜ ଲଘୁ ସମ୍ପଦ ଚୋରା ଚାଲଣ ରୋକିବାରେ ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱାଳ ବେଶ୍ ପ୍ରଶଂସିତ ହୋଇପାରିଛନ୍ତି। ଚାରିଛକ ଥାନା ଅଞ୍ଚଳର ଜନସାଧାରଣ ସ୍ଥାନୀୟ ପୁଲିସକୁ ସହଯୋଗ କରିଥିବାରୁ ଉପସ୍ଥିତ ଜନସାଧାରଣଙ୍କୁ ସାଧୁବାଦ ଜଣାଇବା ସହିତ ଜନସାଧାରଣ ପୁଲିସଠାରୁ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଏସ୍‌ପି କହିଥିଲେ। ଚାରିଛକ ଥାନାରେ ଆବଶ୍ୟକ ସଂଖ୍ୟକ ଗୃହ ନ ଥିବାରୁ କର୍ମଚାରୀ ଘରଭଡ଼ାରେ ରହୁଛନ୍ତି। ଏଠାରେ ନୂତନ ଥାନା ଗୃହ ନିର୍ମାଣ ସହିତ ଆବଶ୍ୟକ କର୍ମଚାରୀ ଯୋଗାଇଦେବାକୁ ଅନେକ ଅତିଥି ମତ ରଖିଥିଲେ। ଉକ୍ତ ଥାନା ଅଞ୍ଚଳରେ ଥିବା ବଡ଼ବଡ଼ ବ୍ୟାବସାୟିକ ପ୍ରତିଷ୍ଠାନ ଓ ସବୁ ଜୁଏଲାରୀ ଦୋକାନରେ ସିସିଟିଭି ଲଗାଇବାକୁ ପରାମର୍ଶ ଦେଇଥିଲେ। ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ୍‌ଆଇ ଇନ୍ଦୁଲତା ମିଶ୍ର, ଏଏସ୍‌ଆଇ ବୁଦ୍ଧୁରାମ ମୁର୍ମୁ, ଏଏସ୍‌ଆଇ କୈଳାସ ଚନ୍ଦ୍ର ପ୍ରଧାନ, ଏଏସ୍‌ଆଇ ସବିତା କୁମାରୀ ଦେବୀଙ୍କ ସମେତ ସମସ୍ତ କର୍ମଚାରୀ ସହେଯାଗ କରିଥିଲେ।

## ଓରୁଆଳି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ତିନି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଗୋପ, ୯।୧(ସମିସ)



ଶୁକ୍ରବାର ଓରୁଆଳି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା। ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ଉତ୍କଳ ସ୍ୱାଭିମାନ ମଞ୍ଚ, ପୁରୀର ସଭାପତି ରାଧାକାନ୍ତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଓଡ଼ିଶାର ପ୍ରାକ୍ତନ ଗୃହମନ୍ତ୍ରୀ ପ୍ରସାଦ ହରିଚନ୍ଦନ ମୁଖ୍ୟ ଅତିଥି, ଗୋପ ମଣ୍ଡଳ ଉନ୍ନୟନ ଅଧିକାରୀ ଛବିରାଣୀ ସାହୁ ଉଦ୍‌ଘାଟକ ଏବଂ ସମ୍ମାନିତ ଅତିଥିରୂପେ ଗୋପ ବ୍ଲକ୍ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ରାୟ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ପ୍ରଧାନ, କୁଆଁପଡ଼ା ସରପଞ୍ଚ ବଳିମଣୀ ପ୍ରଧାନ, ନୂଆଖୋଲମରା ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ, ବନ୍ତଳିଗ୍ରାମ ସରପଞ୍ଚ ମହେଶ୍ୱର ସ୍ୱାଇଁ, କୁଆଁପଡ଼ା ସମିତିସଭ୍ୟ ଦିବାକର ସାହୁ, ସିଆର୍‌ସିସି ହାଡ଼ିବନ୍ଧୁ ମଙ୍ଗରାଜ ଓ ସ୍କୁଲ ପରିଚାଳନା କମିଟି ସଭାପତି ବିଚିତ୍ରାନନ୍ଦ ପ୍ରଧାନ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।

ଶିକ୍ଷୟିତ୍ରୀ ତଥା କବୟିତ୍ରୀ କଳ୍ପନା ମିଶ୍ର ସଭା ସଂଯୋଜନା କରିଥିଲେ। ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ଦାଶ ବାର୍ଷିକ ବିବରଣୀ ପାଠ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବବିତା ରାଉତ ଓ ପରିଚାଳନା କମିଟି ସଦସ୍ୟମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, କେନ୍ଦୁପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ,
ନାତୁଣୀ - ଆରୁଷି

## ଜିଲ୍ଲା ପୁଲିସରେ ବଡ଼ ଧରଣର ଅଦଳବଦଳ

# ବଦଳିଲେ ସଦର ସମେତ ୬ ଥାନା ଅଧିକାରୀ

ନୟାଗଡ଼, ୯ ।୧(ସମିସ)

ନୟାଗଡ଼ ଜିଲ୍ଲା ପୁଲିସରେ ଶୁକ୍ରବାର ବଡ଼ଧରଣର ଅଦଳବଦଳ ହୋଇଛି। ଏକା ସାଙ୍ଗରେ ୬ ଜଣ ଥାନା ଅଧିକାରୀଙ୍କୁ ବଦଳି କରାଯାଇଛି। ଏହା ସହ ଅନ୍ୟ କେତେଜଣ ଇନ୍ସପେକ୍ଟରଙ୍କୁ ଭିନ୍ନ ଭିନ୍ନ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଜିଲ୍ଲାର ବିବାଦୀୟ ସଦରଥାନା, ଖଣ୍ଡପଡ଼ା, ଫତେଗଡ଼, ଗଣିଆ, ଓଡ଼ଗାଁ, ଚାନ୍ଦପୁର ଥାନା ଅଧିକାରୀଙ୍କୁ ବଦଳି କରାଯାଇଛି। ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ଏହି ବଦଳି ହୋଇଥିବା ସୂଚନା ମିଳିଛି।

ସଦରଥାନାରେ କାର୍ଯ୍ୟରତ ଶରତ ଚନ୍ଦ୍ର ସେଠୀଙ୍କୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)କୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଇନ୍ସପେକ୍ଟର ପ୍ରିୟତମା ପ୍ରଧାନଙ୍କୁ ଆଇଆଇସି ଭାବେ ନିଯୁକ୍ତି ଦିଆଯାଇଛି। ଡିପିଓରେ କାର୍ଯ୍ୟରତ କୃତିବାସ ହରିଚନ୍ଦନଙ୍କୁ ଖଣ୍ଡପଡ଼ା ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଡିପିଓରେ କାର୍ଯ୍ୟରତ ଅନ୍ୟତମ ଇନ୍ସପେକ୍ଟର ଅଜୟ ସାହୁଙ୍କୁ ଫତେଗଡ଼ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ାଙ୍କୁ ନୟାଗଡ଼ ଟାଉନଥାନା ଅତିରିକ୍ତ ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ଡିପିଓରୁ ଇନ୍ସପେକ୍ଟର ଟଙ୍କଧର ଛତ୍ରିଆଙ୍କୁ ଗଣିଆ ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନାଙ୍କୁ ଆଇୟୁସିଏଡବ୍ଲ୍ୟୁକୁ ବଦଳି କରାଯାଇଛି। ଡିପିଓରୁ ଇନ୍ସପେକ୍ଟର ସତ୍ୟନାରାୟଣ ବାରିକଙ୍କୁ ଓଡ଼ଗାଁ ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ଓଡ଼ଗାଁ ଥାନା ଅଧିକାରୀ ଅଭୟ ବେହେରାଙ୍କୁ ଚାନ୍ଦପୁର ଥାନାକୁ ବଦଳି କରାଯାଇଛି। ଚାନ୍ଦପୁର ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁ ଏବଂ ଆଇୟୁସିଏଡବ୍ଲ୍ୟୁରୁ ଇନ୍ସପେକ୍ଟର ପରମାନନ୍ଦ ଦଳେଇଙ୍କୁ ଯଥାକ୍ରମେ ସାଇବର ସେଲ ଓ ଇକୋନୋମିକ୍ସ ଅଫେନ୍ସ ଥାନାକୁ ବଦଳି କରାଯାଇଛି। ଡିପିଓରୁ ଇନ୍ସପେକ୍ଟର ଲିଜା ମଲ୍ଲିକଙ୍କୁ ନୟାଗଡ଼ ଟାଉନଥାନା ଅତିରିକ୍ତ ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଇନ୍ସପେକ୍ଟର ମିନତୀ କୁମାରୀ ନାୟକଙ୍କୁ ମହିଳା ସେଲକୁ ବଦଳି କରାଯାଇଛି।

### ବଦଳିଲା ଖଣ୍ଡପଡ଼ା ପୁଲିସ ଉପଖଣ୍ଡ ଚିତ୍ର

ନୟାଗଡ଼ ଜିଲ୍ଲା ପୁଲିସର ବଦଳି ନିର୍ଦ୍ଦେଶକୁ ଲକ୍ଷ୍ୟ କଲେ ଗୋଟେ ବଡ଼ କଥା ସାମ୍ନାକୁ ଆସୁଛି। ଖଣ୍ଡପଡ଼ା ପୁଲିସ ଉପଖଣ୍ଡ ଉପରେ ନୟାଗଡ଼ ଏସ୍‌ପିଙ୍କ ବଜ୍ର ପାହାର ପଡ଼ିଥିବା ଆଲୋଚନା ହୋଇଛି। ଏକାକାଳୀନ ଖଣ୍ଡପଡ଼ା ପୁଲିସ ଉପଖଣ୍ଡର ୩ଟିଯାକ ଥାନାର ଅଧିକାରୀ ବଦଳିବାକୁ ନେଇ ଏଭଳି ଚର୍ଚ୍ଚା ହେଉଛି। ଖଣ୍ଡପଡ଼ା ପୁଲିସ ଉପଖଣ୍ଡରେ ବରିଷ୍ଠ ଅଧିକାରୀଙ୍କ ରାଜନୈତିକ ମନୋଭାବକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଅସନ୍ତୋଷ ଏବଂ ଅନେକ ଅଭିଯୋଗ ଏସ୍‌ପିଙ୍କ ପାଖକୁ ଆସୁଥିଲା। ଥାନା ଅଧିକାରୀଙ୍କୁ କବଳିତ କରି କିଛି ରାଜନୈତିକ ବ୍ୟକ୍ତି ଲୋକଙ୍କୁ ହଇରାଣ କରୁଥିଲେ। ଏସ୍‌ପି ଗୋଟିଏ ସମୟରେ ଖଣ୍ଡପଡ଼ା ପୁଲିସ ଉପଖଣ୍ଡ ଅଧୀନରେ ଥିବା ଗଣିଆ, ଖଣ୍ଡପଡ଼ା ଓ ଫତେଗଡ଼ ଥାନାରେ ନୂତନ ଅଧିକାରୀ ନିଯୁକ୍ତି ଦେବା ଆଲୋଚନାର ବିଷୟ ପାଲଟିଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ପ୍ରକାଶିତ ଏହି ନିର୍ଦ୍ଦେଶକୁ ଲକ୍ଷ୍ୟ କଲେ ବଦଳି ନିର୍ଦ୍ଦେଶ ପଛରେ ଅନେକ ରହସ୍ୟ ମଧ୍ୟ ଉହ୍ୟ ରହିଥିବା ଆଲୋଚନା ହେଉଛି।

## ମହାବୀର ବଣିକ ସଂଘର ବନ୍ଧୁମିଳନ

ଗଣିଆ, ୯ ।୧(ସମିସ): ଇଂରାଜୀ ନବବର୍ଷ ଅବସରରେ ଗଣିଆ ମହାବୀର ବଣିକ ସଂଘର ବନ୍ଧୁମିଳନ ସ୍ଥାନୀୟ ମା' କଳାପାଟ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ଏଥିରେ ବଣିକ ସଂଘର ୨୫୦ରୁ ଅଧିକ ବ୍ୟବସାୟୀ ଯୋଗଦେଇଥିଲେ। ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ସଂଘ ତରଫରୁ କେକ୍ କଟାଯାଇ ବ୍ୟବସାୟୀମାନେ ଖୁସି ମନାଇଥିଲେ। ସଂଘ ସଭାପତି ଦାଶରଥି ସାହୁ, ସମ୍ପାଦକ ପ୍ରଭାତ କୁମାର ଦାଶ, ଉପସଭାପତି କୁଳମଣି ସାହୁ, ଚିତ୍ତରଞ୍ଜନ ସାହୁ, ଜଗନ୍ନାଥ ଦାଶ, ପ୍ରଦୀପ୍ତ କୁମାର ମହାପାତ୍ର, ସନ୍ତୋଷ କୁମାର ବେହେରା, କାବୁଲି ବାରିକ, ସୁଶାନ୍ତ କୁମାର ସାହୁ, ପ୍ରକାଶ କୁମାର ସାହୁ, ଅଟଳ ବିହାରୀ ରାଉତ, ବ୍ରଜକିଶୋର ସାହୁଙ୍କ ସମେତ ସମସ୍ତ ବ୍ୟବସାୟୀ ସହଯୋଗ କରିଥିଲେ।

## ମା ରାମଚଣ୍ଡୀ କ୍ରିକେଟ୍; ସେମିରେ ପଥରପୁଞ୍ଜି

ଭାପୁର, ୯ ।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ରାମପଡ଼ା ଗ୍ରାମରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଗୁଠୁଣିକୁ ପରାସ୍ତ କରି ପଥରପୁଞ୍ଜି ସେମିଫାଇନାଲରେ ପ୍ରବେଶ କରିଛି। ପଥରପୁଞ୍ଜି ଟସ୍ ଜିତି ଗୁଠୁଣିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଦଳ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୮୩ ରନ୍ କରିଥିଲା। ଜବାବରେ ପଥରପୁଞ୍ଜି ୧୧ ଓଭର ୨ଟି ବଲରେ ୫ ୱିକେଟ ହରାଇ ୮୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ପଥରପୁଞ୍ଜି ଦଳର ଚିନ୍ମୟ ୮ ବଲରେ ୨୩ ରନ୍ କରିବା ସହ ୩ଟି ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ଜାମୁସାହି ଗ୍ରାମର ସମାଜସେବୀ ବାନାମ୍ବର ସ୍ୱାଇଁ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟର ତୁଷାରକାନ୍ତ ସ୍ୱାଇଁ ଏବଂ ତାପସ କୁମାର ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ସିଦ୍ଧାନ୍ତ ସ୍ୱାଇଁ ସ୍କୋରସିଟ୍ ପରିଚାଳନା କରିଥିବା ବେଳେ ରାମନାଥ ବରାଡ଼ ଧାରାବିବରଣୀ ପ୍ରଦାନ କରିଥିଲେ। ଶନିବାର ଶେଷ କ୍ୱାର୍ଟରରେ ରାମପଡ଼ା ଏବଂ ଲେମ୍ବେରି ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ସୂଚନା ଦିଆଯାଇଛି।

## ସର୍ବଭାରତୀୟ ଦଶପଲ୍ଲା କପ; ଦିଲ୍ଲୀ ବିଜୟୀ



ଦଶପଲ୍ଲା, ୯ ।୧(ସମିସ): ସ୍ପୋର୍ଟିଭ ସ୍ପୋର୍ଟସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମଇଦାନରେ ଆୟୋଜିତ ୨୬ତମ ମର୍ଯ୍ୟାଦାଜନକ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ୨ୟ ଲିଗ୍ ପ୍ରଥମ ମ୍ୟାଚ୍ ସରିଛି। ଶୁକ୍ରବାର ଦିଲ୍ଲୀ ଜେବି ୟୁନାଇଟେଡ ସ୍ପୋର୍ଟସ କ୍ଲବ୍ ଶୃଙ୍ଖଳିତ ତଥା ଉତ୍କର୍ଷ ଖେଳ ପ୍ରଦର୍ଶନ କରି ସୁନାବେଡ଼ା ହାଲ୍ ଦଳକୁ ୧-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳର ଖେଳୁଆଡ଼ ମନୋଭାବକୁ ସ୍ଥାନୀୟ ଦର୍ଶକ ବେଶ୍ ପ୍ରଶଂସା କରିଛନ୍ତି। ଅତିଥି ଭାବେ ଦଶପଲ୍ଲା ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଯୋଗଦେଇଥିଲେ। ରେଫରୀ ରାଜକିଶୋର ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଲାଇନ୍ସରେ ରବୀନ୍ଦ୍ରନାଥ ନାୟକ, ପ୍ରସନ୍ନ ନାୟକ ସହଯୋଗ କରିଥିଲେ। ଫୋର୍ଥ ଅଫିସିଆଲ୍ ଭାବେ ଅଶୋକ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଶନିବାର ୨ୟ ଲିଗ୍‌ର ଅନ୍ତିମ ମ୍ୟାଚ ଆଜିର ବିଜେତା ଦିଲ୍ଲୀ ଜେବି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଓ ମଣିପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

## ରାଷ୍ଟ୍ରଗୀତ ପ୍ରଶିକ୍ଷଣ ଶିବିର



ଓଡ଼ଗାଁ, ୯ ।୧(ସମିସ): ରାଷ୍ଟ୍ରଗୀତ "ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ସଭାଗୃହରେ ପ୍ରଶିକ୍ଷଣ ଶିବିର ଏବଂ ଆତ୍ମନିର୍ଭର ଭାରତ ଗଠନ ଉଦ୍ଦେଶ୍ୟରେ ସ୍ୱଦେଶୀ ସଙ୍କଳ୍ପ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଓଡ଼ଗାଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ତାଲିମ୍ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଶିକ୍ଷକ ଭାବଗ୍ରାହୀ ମହାପାତ୍ର, ରଞ୍ଜନ କୁମାର ଦାଶ ଓ ପଞ୍ଚାନନ ପଣ୍ଡା, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ ଗାୟତ୍ରୀ ବେହେରା ଏବଂ ସନ୍ତୋଷୀ ସାହୁ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜାନୁଆରୀ ୧୨ ତାରିଖ ବିବେକାନନ୍ଦ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷାର୍ଥୀମାନେ ଓଡ଼ଗାଁ କଲ୍ୟାଣୀ ମଣ୍ଡପରେ ସମବେତ ହୋଇ ସମୂହ ବନ୍ଦେ ମାତରମ ଗାନ କରିବେ। ସମାନ ଭାବେ ଓଡ଼ଗାଁ ବିଡିଓ ପ୍ରୀତିବାଳା ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବ୍ଲକସ୍ତରୀୟ ତାଲିମ୍ କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହକର୍ମୀ ରାଜେଶ ନାୟକ ସହଯୋଗ କରିଥିଲେ।

## ରୋଟାରୀ କ୍ଲବ୍ ପକ୍ଷରୁ ଅନ୍ନପୂର୍ଣ୍ଣା ଦିବସ ପାଳିତ




ନୟାଗଡ଼, ୯ ।୧(ସମିସ): ନୟାଗଡ଼ ରୋଟାରୀ କ୍ଲବ ପକ୍ଷରୁ ଜାମୁସାହିସ୍ଥିତ ଜନ ମିଲଟନ୍ ସ୍କୁଲ ଫର୍ ଡିଫ୍, ଡମ୍ବ ଆଣ୍ଡ ବ୍ଲାଇଣ୍ଡ ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ଅନ୍ନପୂର୍ଣ୍ଣା ଦିବସ ପାଳନ କରାଯାଇଛି। ରୋଟାରୀ କ୍ଲବ ସଭାପତି ବସିରନ ବିବିଙ୍କ ନେତୃତ୍ୱରେ ସ୍କୁଲର ଅନ୍ତେବାସୀ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ମଧ୍ୟାହ୍ନଭୋଜନ ପରିବେଷଣ କରାଯାଇଥିଲା। ସ୍କୁଲର ଯେଉଁ ଛୋଟ ଛୋଟ ସମସ୍ୟା ରହିଛି, ସେଗୁଡ଼ିକୁ ଦୂର କରିବା ପାଇଁ ରୋଟାରୀ କ୍ଲବ ନୟାଗଡ଼ ପକ୍ଷରୁ ଆଗାମୀ ଦିନରେ ଯଥାସମ୍ଭବ ସହଯୋଗ କରାଯିବ ବୋଲି ଏହି ଅବସରରେ ସଭାପତି ବସିରନ ବିବି କହିଥିଲେ। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ କୁମାର ଖଟେଇ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ବାସୁଦେବ ସାହୁ ଓ ଲକ୍ଷ୍ମୀନାରାୟଣ ରଥ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ଭଲମନ୍ଦ ବୁଝିଥିଲେ। ସ୍କୁଲର ସମ୍ପାଦକ ଜିତେନ୍ଦ୍ର କୁମାର ଲେଙ୍କା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ରୋଟାରୀ କ୍ଲବ ସମ୍ପାଦକ ଅବିନାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା




ନୟାଗଡ଼, ୯ ।୧(ସମିସ): ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପୁଲିସ ପ୍ରଶିକ୍ଷଣ ବିଦ୍ୟାଳୟ ପଡ଼ିଆରେ ଶୁକ୍ରବାର ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଏବଂ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଉଦଘାଟନ କରିଥିଲେ। ପୁଲିସ ପ୍ରଶିକ୍ଷଣ ବିଦ୍ୟାଳୟ ଅଧ୍ୟକ୍ଷ ଭାବେଶ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଅଧ୍ୟକ୍ଷ କାନ୍ତିରଞ୍ଜନ ସାହୁ ଯୋଗଦେଇ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ ସଭା ପରିଚାଳନା କରିଥିଲେ। ମେଳାରେ ମୋଟ ୨୩ଟି ନିଯୁକ୍ତିଦାତା କମ୍ପାନୀ ଏବଂ ୭ ଜଣ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ଯୋଗଦେଇଥିଲେ। ବିଭିନ୍ନ ବ୍ଲକରୁ ୧୦୬୫ ଛାତ୍ରଛାତ୍ରୀ ଏବଂ ନିଯୁକ୍ତି ଆଶାୟୀ ଯୋଗଦେଇ ନିଜ ପସନ୍ଦର ନିଯୁକ୍ତିଦାତାଙ୍କ ପାଖରେ ପଞ୍ଜୀକରଣ କରିଥିଲେ।

## 'ମହକ'ରେ ମହକିବ ଦଶପଲ୍ଲା




ଦଶପଲ୍ଲା, ୯ ।୧(ସମିସ): ଜାନୁଆରୀ ୧୧ରୁ ତିନିଦିନ ଧରି ସ୍ଥାନୀୟ ମହକ ମଇଦାନରେ ଆୟୋଜିତ ହେବାକୁ ଯାଉଛି ଦଶପଲ୍ଲା ଯୁବ ମାନସ ସ୍ପନ୍ଦନ "ମହକ'ର ନବମ ସଂସ୍କରଣ। ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ସମାରୋହକୁ ଚଳିତ ବର୍ଷ ଅଧିକ ରୁଚିମନ୍ତ କରିବାକୁ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୀତାରାମ ୟୁଥ୍ କ୍ଲବ୍ ସବୁରି ସହଯୋଗ କାମନା କରିଛି। ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀକାନ୍ତ ସାହୁ, ସମ୍ପାଦକ ଚନ୍ଦନ ସାହୁ, ଉପଦେଷ୍ଟା ବରିଷ୍ଠ କ୍ରୀଡ଼ାବିତ୍ ତ୍ରିନାଥ ସାହୁ, ସ୍ତମ୍ଭକାର ହାଡ଼ିବନ୍ଧୁ ମହାକୁଡ଼ ଏହି ବ୍ୟୟବହୁଳ ଆୟୋଜନକୁ ଅତୀବ ଆକର୍ଷଣୀୟ ତଥା ଅବିସ୍ମରଣୀୟ ଓ ଅଳଙ୍କରଣ କରି ତୋଳିବାକୁ ସୂଚନା ପ୍ରଦାନ କରିଛନ୍ତି। ପ୍ରତିବର୍ଷ ପରି ଦେଶଭକ୍ତ ଯବାନଙ୍କ ଉଦ୍ଦେଶ୍ୟରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାଠାରୁ ଆରମ୍ଭ କରି ମହକ ମଞ୍ଚରେ ଦେଖିବାକୁ ମିଳିବ ବହୁ ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ, ସମାଜସେବୀ, ଶିଳ୍ପପତି, ସାମ୍ବାଦିକ, କ୍ରୀଡ଼ାବିତ୍, ସିନେ ତାରକା, ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ଗରିମାମୟ ଉପସ୍ଥିତି। ଚଳିତ ବର୍ଷ ବିଶେଷ ଆକର୍ଷଣ ପାଲଟିବ ବ୍ୟୟବହୁଳ ତଥା ବହୁ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଅଭିନୀତ ଓଡ଼ିଆ ଜାତିର ଆତ୍ମା ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ଐତିହାସିକ ନାଟକ।

## ଉତ୍କର୍ଷ ଭାପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା
## ଦର୍ଶକଙ୍କ ମନ ମୋହିଲେ ସ୍ୱୟଂ ପାଢ଼ୀ

ଭାପୁର, ୯ ।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଆୟୋଜିତ ଉତ୍କର୍ଷ ଭାପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା ଅତ୍ୟନ୍ତ ମନୋରମ ହୋଇଥିଲା। ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ମୁଖ୍ୟବକ୍ତା ଭାବେ ଅଭିନେତା ବବି ମିଶ୍ର, ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ମହୋତ୍ସବର ସମ୍ପାଦକ ଗୟାଧର ପରିଡ଼ା, ଡା. ବିଶ୍ୱନାଥ ସାହୁ, କଟକ ଡାକ୍ତରଖାନାର ଡାକ୍ତର ଶରତ ଚନ୍ଦ୍ର ଜୟସିଂହ, ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଯୋଗଦେଇଥିଲେ। ଟିଭି ସଞ୍ଚାଳିକା ଗୁନଗୁନଙ୍କ ସଂଯୋଜନାରେ ମଞ୍ଚ ଦୁଲୁକିଥିଲା। ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନେ କଳା ପରିବେଷଣ କରିଥିଲେ। ସ୍ୱୟଂ ପାଢ଼ୀଙ୍କ ଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ଥାନା ତରଫରୁ ୪ ପ୍ଲାଟୁନ



ଫୋର୍ସ ମୁତୟନ କରାଯାଇଥିଲା। ପ୍ରବଳ ଥଣ୍ଡା ତଥା କୁହୁଡ଼ି କାକର ସତ୍ତ୍ୱେ ହଜାର ହଜାର ଭାପୁରିଆଙ୍କ ସମାଗମ ମହୋତ୍ସବର ମାନ ବୃଦ୍ଧି କରିଥିଲା। ଦେଢ଼ଶହରୁ ଊର୍ଦ୍ଧ୍ୱ ଷ୍ଟଲରେ ଭଲ କିଣାବିକା ହୋଇଥିଲା। ମହୋତ୍ସବ ପଡ଼ିଆରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବଡ଼ସିଂହାର ବେଶ ଦର୍ଶକଙ୍କୁ ଆକର୍ଷିତ କରୁଛି। ଶନିବାର ତୃତୀୟ ସନ୍ଧ୍ୟାରେ ମଣ୍ଟୁ ଛୁରିଆ ସଙ୍ଗୀତ ପରିବେଷଣ କରିବେ।

## ଭଲିବଲ ଟୁର୍ଣ୍ଣାମେଣ୍ଟ; ଖୋର୍ଦ୍ଧା ଚାମ୍ପିଅନ

ଖଣ୍ଡପଡ଼ା, ୯ ।୧(ସମିସ): ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଖେଳପଡ଼ିଆରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ ଆନୁକୂଲ୍ୟରେ ଗୁରୁବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ଟିମ ୨-୦ ସେଟରେ ଜଟଣୀକୁ ହରାଇ ଚାମ୍ପିଅନ ହୋଇଛି। ଏହି ଅବସରରେ ସ୍ୱର୍ଗତ ଲକ୍ଷ୍ମୀଧର ପାଳଙ୍କ ସ୍ମୃତିରେ ଟ୍ରଫି ଏବଂ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ଜଟଣୀ, ଖୋର୍ଦ୍ଧା, ଶୋରଣ, ଇଟାମାଟି ଆଦି ୪ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରମୋଦ ବାରିକ ଏବଂ ଜନ୍ମେଜୟ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥି ଭାବେ ଶିକ୍ଷାବିତ ଗୋପୀନାଥ ପ୍ରଧାନ ଓ ଡା. ପ୍ରଦୀପ କୁମାର ପାଇକରାୟ ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟ ଦେଖିବା ପାଇଁ ଶତାଧିକ ଦର୍ଶକଙ୍କ ଭିଡ଼ ଜମିଥିଲା।

## ଖଳିସାହି କପ୍ କ୍ରିକେଟ; ସେମିରେ କଟକ ନୀହାର କ୍ଲବ




ଖଣ୍ଡପଡ଼ା, ୯ ।୧(ସମିସ): ଖଣ୍ଡପଡ଼ା ବ୍ଲକ ଖଳିସାହି ବଡ଼ ପଡ଼ିଆରେ ଖଳିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ତୃତୀୟ ଦଳ ଭାବେ ପ୍ରବେଶ କରିଛି କଟକ ନୀହାର କ୍ଲବ। ତୃତୀୟ ଲିଗ୍‌ରେ ପ୍ରଥମେ କଟକ ନୀହାର କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୯ ୱିକେଟ ହରାଇ ୨୪୧ ରନ କରିଥିଲା। ଜବାବରେ ଖୋର୍ଦ୍ଧା ଏକାଦଶ ୧୧.୪ ଓଭରରେ ସମସ୍ତ ୱିକେଟ ହରାଇ ୧୧୯ ରନରେ ସୀମିତ ରହିଥିଲା। ବିଜୟୀ ଦଳର ମନୋଜ ସେଠୀ ୧୭ ବଲରୁ ୭୫ ରନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅତିଥି ଭାବେ ସମାଜସେବୀ ଚନ୍ଦ୍ର ପୃଷ୍ଟି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟର ଦୀପକ କୁମାର ସାହୁ ଏବଂ ରବି ନାରାୟଣ ମିଶ୍ର ଖେଳ ପରିଚାଳନା କରିଥିଲେ। ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଜନ୍ମେଜୟ ଦଳେଇ ଓ ସନ୍ତୋଷ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଶନିବାର ବାଙ୍କି ଏକାଦଶ ଏବଂ ନୟାଗଡ଼ ଏକାଦଶ ମଧ୍ୟରେ ଶେଷ ଲିଗ୍ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ବ୍ଲକସ୍ତରୀୟ ଜଳବିଭାଜିକା ମହୋତ୍ସବ
# 'ମୃତ୍ତିକା ଓ ଜଳ ବିନା ଜୀବନ ଅସମ୍ଭବ'

ନୟାଗଡ଼, ୯ ।୧(ସମିସ)

ନୟାଗଡ଼ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପକ୍ଷରୁ ବ୍ଲକସ୍ତରୀୟ ଜଳବିଭାଜିକା ମହୋତ୍ସବ ଅନୁଷ୍ଠିତ ହୋଇଛି। ନୟାଗଡ଼ ବ୍ଲକ ନାଟୁଗାଁ ପଞ୍ଚାୟତ ସାଲୁଣୀ ଗାଁରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇଥିଲେ। ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର, ନାଟୁଗାଁ ସରପଞ୍ଚ ସାଗରବାଳା ବରାଡ଼, ସମିତିସଭ୍ୟା ତୋଫାନୀ ଦାଶ, ଚମ୍ପତିପୁର ସରପଞ୍ଚ ଅମର ପ୍ରସାଦ ସାଥୁଆ, କ୍ରିଦାଶପୁର ସମିତିସଭ୍ୟା ବାସନ୍ତି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଜଳ ବିଭାଜିକା ମହୋତ୍ସବର ଉଦ୍ଦେଶ୍ୟ ଉପରେ ଆଲୋଚନା ରଖିଥିଲେ। ଗ୍ରାମ କୃଷି ଉତ୍ପାଦନ ବୃଦ୍ଧିରେ ଜଳ ବିଭାଜିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। କୃଷି ଓ କୃଷକର ଉନ୍ନତି ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ଆବଶ୍ୟକ ବୋଲି ମତ ରଖିଥିଲେ। ମୃତ୍ତିକା ଓ ଜଳ ବିନା ଜୀବନ ଅସମ୍ଭବ ବୋଲି କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ଜ୍ଞାନରଞ୍ଜନ ସାହୁ ତାଙ୍କ ବକ୍ତବ୍ୟରେ ରସାୟନିକ ସାରର ସୀମିତ ବ୍ୟବହାର ଏବଂ ଜୈବିକ ସାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ବାରିଆନାଳ ଅଣୁଜଳ ବିଭାଜିକା ସମ୍ପାଦକ ଚକ୍ରଧର ଜେନା ସ୍ଥାନୀୟ ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଦ୍ୱାରା କିଭଳି କୃଷି ଉପଯୋଗୀ ହୋଇପାରୁଛି, ତାହା ଉପରେ ମତ ରଖିଥିଲେ। ଏହି ଅବସରରେ ଜଳ ବିଭାଜିକା ମାର୍ଗଦର୍ଶକ ଏବଂ ଜଳ ବିଭାଜିକା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକଙ୍କୁ ସଚେତନ ଉଦ୍ଦେଶ୍ୟରେ ନାଟକ ଏବଂ ଏଲଇଡି ପରଦା ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କାଳୀଚରଣ ବେହେରା, ସୌମ୍ୟରଞ୍ଜନ ଶତପଥୀ, ମଧୁସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଜଳ ବିଭାଜିକା ମହୋତ୍ସବ ଅବସରରେ ଚାରାରୋପଣ କରାଯିବା ସହ ଚାଷଜମିକୁ ସେଚ କେନାଲ ଲୋକାର୍ପଣ ହୋଇଥିଲା। ଏହାସହ ଏକ ନାଟୁଗାଁ ପୋଖରୀ ଜଳ ପ୍ରବେଶ ଓ ନିଷ୍କାସନ ପଥ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକର ଏକ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ନୟାଗଡ଼ ବ୍ଲକ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ସହକାରୀ କୃଷି ଯନ୍ତ୍ରୀ ବୀରଭଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଖୋର୍ଦ୍ଧା, ୯।୧(ସମିସ)

୪ଦିନ ତଳେ ଗୋଆରୁ ଫେରିଥିଲେ ବିଟେକ୍ ପରୀକ୍ଷା ଦେବାକୁ। ଆଜି ୯ଟା ବେଳେ ପରୀକ୍ଷା ଥିବାରୁ ଭୋର ୪ଟାରୁ ସାନହନ୍ତୁଆଡ଼ରୁ ଭୁବନେଶ୍ୱରର ଏକ ଘରୋଇ କଲେଜ ଅଭିମୁଖେ ସାଙ୍ଗସହ ସ୍କୁଟିରେ ବାହାରିଥିଲେ। ମାତ୍ର ୧୬ନମ୍ବର ଜାତୀୟ ରାଜପଥର ଦଧିମାଛଗାଡ଼ିଆ ଛକ ନିକଟରେ ଏକ ଅଜଣାଗାଡି ଧକ୍କାରେ ଚାଲିଗଲା ଜୀବନ। ଅଧାରେ ରହିଗଲା ବିଟେକ୍ ପରୀକ୍ଷା ଦେବା ସ୍ୱପ୍ନ। ମୃତ ଛାତ୍ର ହେଲେ ବାଣପୁର ଥାନା ସାନହନ୍ତୁଆଡ଼ ଗ୍ରାମର ସୁଧାଂଶୁ ସୁନ୍ଦରାୟ (୨୨) ଓ ତାଙ୍କ ସାଙ୍ଗ ବିକାଶ ବରାଳ (୨୦)।


ଫାଇଲ୍ ଫଟୋ

ପ୍ରକାଶ ଥାଉକି, ସାନହନ୍ତୁଆଡ଼ର ସୁଦାମ ସୁନ୍ଦରାୟଙ୍କ ପୁଅ ସୁଧାଂଶୁ ଗୋଆରେ ଏକ କମ୍ପାନୀରେ ଚାକିରି କରିଥିଲେ। ଇତିମଧ୍ୟରେ ସେ ଭୁବନେଶ୍ୱରର ଏକ ଘରୋଇ କଲେଜ୍‌ରେ ବିଟେକ୍ କରୁଥିଲେ। ପରୀକ୍ଷା ଥିବାରୁ ସୁଧାଂଶୁ ୪ଦିନ ତଳେ ଗୋଆରୁ ଗାଁକୁ ଆସିଥିଲେ। ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହେବାର ଥିଲା। ତେଣୁ ଭୋର ୪ଟାରୁ ଓଡି-୦୨ ସିଏଫ୍-୯୩୬୮ନଂ ବିଶିଷ୍ଟ ସ୍କୁଟି ଯୋଗେ ସାଙ୍ଗ ବିକାଶ ସହ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ମାତ୍ର ଭୋର ପ୍ରାୟ ସାଢ଼େ ୫ଟା ସମୟରେ ଜାତୀୟ ରାଜପଥର ଦଧିମାଛଗାଡ଼ିଆ ଛକଠାରେ ତାଙ୍କୁ ପଛପଟୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିବାବେଳେ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଶରୀର ଅନେକାଂଶ ଗାଡ଼ି ଚକାତଳେ ନଷ୍ଟ ହୋଇଥିବାବେଳେ ସ୍କୁଟିଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଛି। ଖବର ପାଇ ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଖୋର୍ଦ୍ଧା ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୁଧାଂଶୁଙ୍କ ମାଆ ଜୟନ୍ତୀଙ୍କ ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଖୋର୍ଦ୍ଧା ଜିଲ୍ଲା ପେନସନର୍ସ ଆସୋସିଏସନ୍‌ର ବୈଠକ



ଖୋର୍ଦ୍ଧା, ୯।୧(ସମିସ): ସ୍ଥାନୀୟ ଜେଲ୍ ରୋଡସ୍ଥିତ ଶ୍ୟାମମାଧବ ବାସନ୍ତୀ ଦେବୀ ପାଠାଗାର ପରିସରରେ ଖୋର୍ଦ୍ଧା ଜିଲ୍ଲା ପେନସନର୍ସ ଆସୋସିଏସନ୍‌ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ନସିମୁଦ୍ଦିନ ଖାନ୍ ପୂର୍ବ ସଭାର ବିବରଣୀ ପାଠ କରିଥିଲେ।ଆଲୋଚନା ପରେ ତାହା ଦୃଢିକରଣ ହୋଇଥିଲା। ଉପସଭାପତି ଡ.ବିମଳ ଚନ୍ଦ୍ର ଷଡଙ୍ଗୀ ସଂଘର ସଂଶୋଧିତ ନିୟମାବଳୀ ପଠନ ପୂର୍ବକ ଉପସ୍ଥାପନ କରି ସଭ୍ୟ ମାନଙ୍କର ସମସ୍ତ ସନ୍ଦେହ ମୋଚନ କରିଥିଲେ। ପରେ ନୂତନ ନିୟମାବଳୀ ଗୃହିତ ହୋଇଥିଲା। ଏଣିକି ସଭ୍ୟ ମାନଙ୍କୁ କେବଳ ଆଜୀବନ ସଭ୍ୟ ଚାନ୍ଦା ବାବଦରେ ୫ଶହ ଟଙ୍କା ଏକକାଳୀନ ଦେବାକୁ ପଡିବ। ସଂଘର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ର ସାଧାରଣ ସଭା ଆସନ୍ତା ଫେବୃୟାରୀ ୭ତାରିଖରେ ହେବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା। ଆଲୋଚନାରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସେକ୍ ସନାଉଲା, ଗ୍ୟାନରଞ୍ଜନ ଦାଶ, ଶତ୍ରୁଘ୍ନ ବିଶୋଇ, ସେବତୀ ଭୂୟାଁ, ସାରଥି ନାୟକ, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।ଶେଷରେ ବୈକୁଣ୍ଠ ନାଥ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଚିଲିକା ଡଙ୍ଗା ଚାଳନା ପ୍ରତିଯୋଗିତା ଅବ୍ୟବସ୍ଥା ପ୍ରତିବାଦରେ ଧାରଣା

ବାଲୁଗାଁ, ୯ ।୧(ସମିସ) : ପର୍ଯ୍ୟଟନ ବିଭାଗ ପକ୍ଷରୁ ବାର୍ଡ ଫେଷ୍ଟିଭାଲ ଉପଲକ୍ଷେ ଗତ ତିନି ଦିନ ଧରି ବଡ଼କୁଳ ପାନ୍ଥନିବାସର ଚିଲିକା ଜେଟିରେ ଡଙ୍ଗା ଚାଳନା



ପ୍ରତିଯୋଗିତା ଚାଲିଥିବା ବେଳେ ଏଥିରେ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ୮୧୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତେବେ ଉକ୍ତ ପ୍ରତିଯୋଗୀଙ୍କୁ ନିମ୍ନମାନର ଖାଦ୍ୟ ତଥା ବାସି ଚିକେନ, ପୋକରା କୋବି, ଦୂଷିତ ପାଣି ଦିଆ ଯାଉଥିବା ସେମାନେ ଅଭିଯୋଗ କରିବା ସହ ରହିବା ପାଇଁ ଆନୁଷଙ୍ଗିକ ସୁବିଧା ଯୋଗାଇ ନଦେବା ଓ ପ୍ରତିଶ୍ରୁତି ମୁତାବକ ଦୈନିକ ୫୦୦ ଟଙ୍କା ଦିଆ ଯାଇ ନଥିବା ଫଳରେ ପ୍ରତିଯୋଗୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ସବୁ ଅଭିଯୋଗ ଆଣି ପ୍ରତିଯୋଗୀ ଗୁରୁବାର ଏହାର ପ୍ରତିବାଦରେ ପାନ୍ଥନିବାସ ଜେଟିରେ ଧାରଣା ଦେଇ ବସିବା ସହ ଫାଇନାଲ ପ୍ରତିଯୋଗିତାରେ ଅଂଶଗ୍ରହଣ ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଧାରଣା ସମ୍ପର୍କରେ ଖବର ପାଇ ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼େଇ, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଜଗଦୀଶ ଷଡ଼ଙ୍ଗୀ ଓ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ଧାରଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଯେହେତୁ ଚଳିତ ବର୍ଷ ପ୍ରଥମ କରି ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି, ସରକାରଙ୍କ ନିୟମ ଅନୁସାରେ ସବୁ କରାଯାଇଛି। ଯଦି ପରିଚାଳନାରେ କିଛି ତ୍ରୁଟି ବିଚ୍ୟୁତି ହୋଇଛି, ତେବେ ଆଲୋଚନା ମାଧ୍ୟମରେ ତାହାର ସମାଧାନ କରାଯିବ ଏବଂ ଭବିଷ୍ୟତରେ ବିଭାଗ ଏଥିପ୍ରତି ଯତ୍ନଶୀଳ ହେବା ସହ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଚିଲିକାରେ ଦେଶୀ ଡଙ୍ଗା ଚାଳନା ପ୍ରତିଯୋଗିତା, ପାଣିଦ୍ୱାର ଦଳ ଚାମ୍ପିଅନ




ବାଲୁଗାଁ, ୯ ।୧(ସମିସ): ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସୁପ୍ରସିଦ୍ଧ ଚିଲିକା ହ୍ରଦର ବଡ଼କୂଳ ପାନ୍ଥନିବାସ ଜେଟି ଠାରେ ତିନିଦିନ ଧରି ଚାଲିଥିବା ଦେଶୀ ଡଙ୍ଗା ଚାଳନା ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି। ଉକ୍ତ ପ୍ରତିଯୋଗିତାରେ ଚିଲିକାର ପାଣିଦ୍ୱାର ଦଳ ଚାମ୍ପିଅନ ହୋଇଛି। ଏ ବାବଦକୁ ଟ୍ରଫି ସହ ନଗଦ ଅର୍ଥରାଶି ଗ୍ରହଣ କରିଛି। ପ୍ରାକୃତିକ ସମ୍ପଦର ଅନନ୍ୟ ଗନ୍ତାଘର ଚିଲିକା ଅନ୍ତର୍ଜାତୀୟ କ୍ଷେତ୍ରରେ କିପରି ଆହୁରି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ସେଥିଲାଗି ରାଜ୍ୟ ସରକାରଙ୍କ ବନ୍ୟପ୍ରାଣୀ ସଂସ୍ଥା, ଜଙ୍ଗଲ ପରିବେଶ ଓ ପର୍ଯ୍ୟଟନ ବିଭାଗ ମିଳିତ ଭାବେ ଏହି ପ୍ରତିଯୋଗିତା ଆୟୋଜନ କରିଛି। ୬ଷ୍ଠ ଜାତୀୟ ଚିଲିକା ବିହଙ୍ଗ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ବଡ଼କୂଳ ପାନ୍ଥନିବାସ ଜେଟି ଠାରେ ଚିଲିକା ହ୍ରଦରେ ଦେଶୀ ଡଙ୍ଗା ଚାଳନା ପ୍ରତିଯୋଗିତାର ପ୍ରଥମ ସଂସ୍କରଣକୁ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରତିଯୋଗିତାରେ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ମତ୍ସ୍ୟଜୀବୀଙ୍କୁ ନେଇ ଅନୁଷ୍ଠିତ ଦେଶୀ ଡଙ୍ଗା ଚାଳନା ପ୍ରତିଯୋଗିତାରେ ପ୍ରତି ଦଳରେ ୧୦ ଜଣ ଲେଖାଏଁ ୮୧ ଗୋଟି ଦଳରେ ସମୁଦାୟ ୮୧୦ ଜଣ ମତ୍ସ୍ୟଜୀବୀ ଅଂଶ ଗ୍ରହଣ କରି ଚିଲିକା ହ୍ରଦର ୭୦୦ ମିଟର ଜଳରାଶିରେ ଡଙ୍ଗା ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଉକ୍ତ ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ୯ଟି ଦଳ ମଧ୍ୟରେ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର ଦୁଇ ଦଳ ଯଥା ଚିଲିକାର ପାଣିଦ୍ୱାର ଦଳ ସମସ୍ତଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଥିଲା। ମା' ଡୋମୋଣି ଦେବୀ ଦଳ ଦ୍ୱିତୀୟ ସ୍ଥାନ ଏବଂ ପୁରୀ ଜିଲ୍ଲାର ମା' ବିନ୍ଧ୍ୟଗିରି ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଲାନ ନାୟକ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ରାଣୀ ବେହେରା ଓ ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ଜଗଦୀଶ ଷଡ଼ଙ୍ଗୀ ଯୋଗଦେଇ ଚାମ୍ପିଅନ ପାଣିଦ୍ୱାର ଦଳକୁ ୭୫ ହଜାର ଟଙ୍କା ସହ ଗୋଲ୍ଡ ମେଡାଲ ଓ ଟ୍ରଫି, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରନର୍ସଅପ୍ ମା' ଡୋମୋଣି ଦେବୀ ଦଳକୁ ୫୦ ହଜାର ଟଙ୍କା ସହ ସିଲ୍‌ଭର ମେଡାଲ ଓ ଟ୍ରଫି ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ମା' ବିନ୍ଧ୍ୟଗିରି ଦଳକୁ ୨୫ହଜାର ଟଙ୍କା ସହ ବ୍ରୋଞ୍ଜ ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱ ରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ।

### ● ଦେଓଗାଁ ସୋସାଇଟିରେ ଧାନମଣ୍ଡି ଆରମ୍ଭ

## ୨୫ଜଣ ଚାଷୀ ବିକିଲେ ୯ ଶହ କ୍ୱିଣ୍ଟାଲ ଧାନ

ବାଣପୁର, ୯ ।୧(ସମିସ): ବାଣପୁର ବ୍ଲକ୍ ଡୁମୁରାପୁଟ ସମବାୟ ସମିତିରେ ଖୋର୍ଦ୍ଧା ଜିଲ୍ଲାର ପ୍ରଥମ ଧାନ ମଣ୍ଡି ଶୁଭାରମ୍ଭ ହୋଇ ଚାଷିଙ୍କ ଠାରୁ ଧାନ ସଂଗ୍ରହ କରାଯାଇ ଥିଲା। ଏପରି ସ୍ଥଳେ ଶୁକ୍ରବାର ଦେଓଗାଁ ସମବାୟ ସମିତିରେ ଚାଷୀମାନଙ୍କଠାରୁ ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଉକ୍ତ ମଣ୍ଡିକୁ ଖୋର୍ଦ୍ଧା ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ଉଦଘାଟନ କରିଥିବା ବେଳେ ସମବାୟ ସମିତିର ସଭାପତି ସୁକାନ୍ତ କୁମାର ବିଶୋଇ, ସମ୍ପାଦକ ଭବାନୀ ଶଙ୍କର ବିଶୋଇ ଓ ସମବାୟ ବିଭାଗର ଇନିସପକ୍ଟର ସୁଶ୍ରୀ ସାଗରିକା ପରିଡାଙ୍କ ସମେତ ଶ୍ରୀଜଗନ୍ନାଥ ରାଇସ ମିଲର୍ ଦୁଇଜଣ କର୍ମଚାରୀ ଆର୍‌ଏମ୍‌ସିର ତିନି ଜଣ କର୍ମଚାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ। ଏହି ଦେଓଗାଁ ସମବାୟ ସମିତିରେ ମୋଟ ୪୧୨ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବାବେଳେ ପ୍ରଥମ ଦିନରେ ୨୫ଜଣ ଚାଷୀଙ୍କ ଠାରୁ ୯ ଶହ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି ଓ ଅନ୍ୟପକ୍ଷେ ବର୍ତ୍ତମାନ ସୁଦ୍ଧା ୪୦ ପ୍ରତିଶତ ଟୋକନ ଆସି ଥିବାରୁ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ୫୮୬ ପରୀକ୍ଷାର୍ଥୀ, ୧୯ ଅନୁପସ୍ଥିତ

ବେଗୁନିଆ, ୯।୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ବେଗୁନିଆ ସଦର ମହକୁମା ସ୍ଥିତ ପିଏମ୍ ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ସୁପରିଣ୍ଟେଣ୍ଡେଣ୍ଟ ଓ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟ କରିଥିଲେ। ଏହି ଷଷ୍ଠ ଶ୍ରେଣୀର ୨୪୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ ଭାବେ ସାରୁଅସ୍ଥିତ ପଞ୍ଚପଲ୍ଲୀ ବାଉତି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ର କାର୍ଯ୍ୟ କରିଥିଲେ। ଜିଲ୍ଲା ସହଶିକ୍ଷା ଅଧିକାରିଣୀ ଡ଼. ପ୍ରଜ୍ଞା ପରମିତା ଜେନା କେନ୍ଦ୍ର ପରିଦର୍ଶନ କରିଥିଲେ।ନିରୀକ୍ଷକ ଭାବେ ଶିକ୍ଷୟତ୍ରୀ ଆଶା ମୁର୍ମୁ, ବିଜୟଲକ୍ଷ୍ମୀ ସାମନ୍ତରାୟ ଲକ୍ଷ୍ମୀପ୍ରିୟା ତ୍ରିପାଠୀ ,ସୁନିତା ପୃଷ୍ଟି, ସଂଗୀତା ବେହେରା, ମଞ୍ଜୁବାଳା ମହାପାତ୍ର, ଶୁଭସ୍ମିତା ଜେନା, ସୁଜାତା ସାଠୁଆ ଓ ଶିକ୍ଷକ ପ୍ରଭାତ କୁମାର ନିଶଙ୍କ, ସୂର୍ଯ୍ୟକାନ୍ତ ମହାପାତ୍ର, ହିମାଂଶୁ ଭୂଷଣ ସ୍ୱାଇଁ ଓ ଶ୍ରୀକାନ୍ତ ପଣ୍ଡା ଯୋଗଦେଇ କାର୍ଯ୍ୟ କରିଥିଲେ। ସେହିପରି ବେଗୁନିଆ ଆଦର୍ଶ ବିଦ୍ୟାଳୟ କେନ୍ଦ୍ରରେ ୬ଷ୍ଠ, ୭ମ, ୮ମ ଓ ୯ମ ଶ୍ରେଣୀରେ ୩୬୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୫୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ କେନ୍ଦ୍ରରେ ଭକ୍ତ ରଞ୍ଜନ ବେହେରା ସୁପରିଟେଣ୍ଡେଣ୍ଟ ଓ ଡେପୁଟି ସୁପରିଟେଣ୍ଡେଣ୍ଟ ଭାବେ ପ୍ରୀତ ଚାନ୍ଦ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାରେ ପରୀକ୍ଷା କାର୍ଯ୍ୟ ଶେଷ କରିଥିଲେ।

## ସର୍ବଭାରତୀୟ ଟାଙ୍ଗୀ କପ୍ ଫୁଟବଲ: ଫାଇନାଲରେ ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟସ୍



ଟାଙ୍ଗୀ, ୯।୧(ସମିସ): ଟାଙ୍ଗୀ ଚିଲିକା ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ଟାଙ୍ଗୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ପ୍ରଥମ ସେମିଫାଇନାଲ ମ୍ୟାଚ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ ବରଗଡ ସହିତ ରୁଦ୍ରାକ୍ଷ ଫୁଟବଲ କ୍ଲବ ଖଡଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ଖୁବ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମାର୍ଦ୍ଧରେ ୨ ଟି ଗୋଲ ଓ ଦ୍ୱିତୀୟାର୍ଦ୍ଧରେ ୧ଟି ଗୋଲ ଦେଇ ୩-୦ ରେ ବରଗଡ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା।ଅତିଥି ଭାବେ ଖୋର୍ଧା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷା ବାସନ୍ତି ମହାପାତ୍ର,ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁପରିନଟେଣ୍ଡେଣ୍ଟ ଡାକ୍ତର ସତ୍ୟରଞ୍ଜନ ନନ୍ଦ, କ୍ରୀଡ଼ା ସଂଗଠକ ତଥା ଆଇନଜୀବୀ ମନୋଜ କୁମାର ମାନସିଂହ, ଭୁଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ଆମ୍ବ ସଭାପତି ସୁକାନ୍ତ ରାଉତରାୟ, ଟାଙ୍ଗୀ ସମିତି ସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ସମାଜସେବୀ କିଶୋର ଚହଟରାୟ ଅଶୋକ କୁମାର ଚମ୍ପତି, ଉଜଳା ଗୋପୀନାଥପୁର ସମିତି ସଭ୍ୟ ସୂର୍ଯ୍ୟମଣି ସାହୁ, ସୁନ୍ଦରପୁର ସମିତି ସଭ୍ୟା ମମତା ରାଉତ,ସଭାପତି କିଶୋର କୁମାର ବେହେରା, ଉପଦେଷ୍ଟା ବିଜୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଡାକ୍ତର କରୁଣାକର ଶ୍ରୀଚନ୍ଦନ ସ୍ମାରକୀ ଶ୍ରେଷ୍ଠ ଖେଳାଳି ଟ୍ରଫି ବରଗଡ ଦଳର ଜର୍ସି ନଂ ୨୧ ଖେଳାଳି ବିଜୟ ବଡିଆଙ୍କୁ ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ମାନସ ବିଶ୍ୱାଳ। ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ରାମଚନ୍ଦ୍ର ବେଶ୍ରା, ପ୍ରିୟବ୍ରତ ବାହିନୀପତି ଓ ନନ୍ଦ କିଶୋର ସ୍ୱାଇଁ। କମିଟି ସଦସ୍ୟ ବାଳକ ମିଶ୍ର, ବାସୁଦେବ ବିଶ୍ୱାଳ, କୋଷାଧକ୍ଷ ସୁନିଲ ମହାନ୍ତି, ପ୍ରଣୟ ପାଇକରାୟ, ରମେଶ ବେହେରା, ମାନସ ସାହୁ, ଅଜୟ ମହାପାତ୍ର, ପବିତ୍ର ମହାରଣା, ସହ ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ବିଶ୍ୱରଞ୍ଜନ ପଟ୍ଟନାୟକ, ବେଣୁଧର ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତାକାଲି (୨ୟ ସେମିଫାଇନାଲ) ମା ମଙ୍ଗଳା କ୍ଲବ କଟକ ଓ ଫ୍ୟୁଚର ଫୁଟବଲ ଏକାଡେମୀ ମଣିପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସଂପାଦକ ନରେନ୍ଦ୍ର ମହାପାତ୍ର ଜଣାଇଛନ୍ତି।

## ମାଉଣ୍ଟ ଲିଟେରା ଜି ସ୍କୁଲର ବାର୍ଷିକ ଉତ୍ସବ

ଟାଙ୍ଗୀ, ୯।୧(ସମିସ): ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣର ବିକାଶ ଓ ଉଜ୍ଜ୍ୱଳମୟ ଭବିଷ୍ୟତ ପାଇଁ ସୂର୍ଯ୍ୟ ଭଳି ନିଜକୁ ଜାଳିବାକୁ ପଡ଼ିବ। ଶିକ୍ଷା ହେଉଛି ଜୀବନର ଆଲୋକ। ଏହି ମନ୍ତ୍ରକୁ ନେଇ ମାଉଣ୍ଟ ଲିଟେରା ଜି ସ୍କୁଲ ସଦା ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ପାଇଁ କାମ କରିଆସୁଛି। ବିଦ୍ୟାଳୟ ପରିଚୟ ମାଉଣ୍ଟ ଲିଟେରା ଜି ସ୍କୁଲ ହେଉଛି ଏକ ଆଧୁନିକ ଓ ନୂତନ ଶିକ୍ଷା ପ୍ରଣାଳୀର ପ୍ରତୀକ, ଯେଉଁଠି ଶିକ୍ଷା ସହ ସଂସ୍କାର, ସୃଜନଶୀଳତା ଓ ନୈତିକ ମୂଲ୍ୟବୋଧକୁ ସମାନ ଗୁରୁତ୍ୱ ଦିଆଯାଏ। ଛାତ୍ରଛାତ୍ରୀ ନୃତ୍ୟ, ଗୀତ, ନାଟକ ଓ ଯୋଗାଭ୍ୟାସ ମାଧ୍ୟମରେ ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି ବୋଲି ଉପସ୍ଥିତ ବିଶିଷ୍ଟ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଚଣ୍ଡେଶ୍ୱର ଠାରେ ପ୍ରତିଷ୍ଠିତ ମାଉଣ୍ଟ ଲିଟେରା ଜି ସ୍କୁଲ ର ବାର୍ଷିକ ଉତ୍ସବ ଉମଙ୍ଗର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଗତିବାଦୀର କାର୍ଯ୍ୟ ନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡଃ ମୃତ୍ୟୁଞ୍ଜୟ ରଥ, ବିଶିଷ୍ଟ ଅତିଥି ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଶିକ୍ଷାବିତ ପଦ୍ମନାଭ ବିଶ୍ୱାଳ, ଟାଙ୍ଗୀ ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ ଓ ବିଦ୍ୟାଳୟର ନିର୍ଦ୍ଦେଶକ ଭୀଷ୍ମ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ୱାଗତ ଭାଷଣ ମିସ ରାଜ ନନ୍ଦିନୀ ରାଉତ ଦେଇଥିବାବେଳେ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୋଷ କୁମାର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

## ବିଜେବି ଉଚ୍ଚ ବିଦ୍ୟାଳୟରେ ଜାତୀୟ ସ୍ଥିର ବିଦ୍ୟୁତ୍ ଦିବସ

ଖୋର୍ଦ୍ଧା, ୯।୧(ସମିସ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜାତୀୟ ସ୍ଥିର ବିଦ୍ୟୁତ୍ ଦିବସ ପାଳନ କରାଯାଇଛି। ସ୍ଥିର ବିଦ୍ୟୁତ୍ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ପାଇଁ ଏହି ଦିବସଟି ପାଳନ କରାଯାଇଛି। ଶୀତ କାଳରେ ସ୍ଥିର ବିଦ୍ୟୁତ୍ ପ୍ରଭାବ ଅଧିକ ଦେଖାଯାଏ, ତେଣୁ ଜାନୁୟାରୀ ମାସକୁ ଏହି ଦିବସ ପାଇଁ ଉପଯୁକ୍ତ ଭାବେ ଚୟନ କରାଯାଇଛି। ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ପ୍ରଧାନଶିକ୍ଷକ ସ୍ଥିର ବିଦ୍ୟୁତ୍ ସମ୍ପର୍କରେ ସୂଚନା ଦେଇଥିଲେ। ଦୈନନ୍ଦିନ ଜୀବନରେ ଏହାର ଉଦାହରଣ ଗୁଡ଼ିକ କିପରି ପରିଲକ୍ଷିତ ହୁଏ ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ବିଜ୍ଞାନ ଶିକ୍ଷୟତ୍ରୀ ସିମାରାଣୀ ବେହେରା, ଶିକ୍ଷକ ରାହୁଲ ମହାରଣା ଓ ଦେବାଶିଷ ପାଇକରାୟ କେତେକ ସମ୍ୟକ ପରୀକ୍ଷା ମାଧ୍ୟମରେ ଏହି ସ୍ଥିର ବିଦ୍ୟୁତ୍ ର ଉପସ୍ଥିତିକୁ ଦର୍ଶାଇଥିଲେ। ବିଦ୍ୟାଳୟ ଶିକ୍ଷକ ବିଭୁପ୍ରସାଦ ପଣ୍ଡା, ନିବେଦିତା ଛୁଆଳସିଂହ, ଚନ୍ଦ୍ରକାନ୍ତ ଦାସ ଓ ଶ୍ରୀରାମ ଭୂୟାଁ ଏହି ସ୍ଥିର ବିଦ୍ୟୁତ୍ ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ଥିର ବିଦ୍ୟୁତ୍ ପରୀକ୍ଷାକୁ ନିଜେ କରି ଆନନ୍ଦ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବେଗୁନିଆ, ୯।୧(ସମିସ): ବେଗୁନିଆ କେନ୍ଦ୍ର ସମବାୟ ସମିତି ଶାଖା ଅଧୀନରେ ଥିବା ବଡ଼ବେରଣା ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏଥିରେ ଖୋର୍ଦ୍ଧା ଡିଭିଜନ ସେବା ସମବାୟ ସମିତିର ଉପନିବନ୍ଧକ ଅଳକା ନନ୍ଦା ଜେନା ମୁଖ୍ୟ ଅତିଥି, ଖୋର୍ଦ୍ଧା ଜିଲ୍ଲା ସେବା ସମବାୟ ସମିତିର ସହକାରୀ ଉପନିବନ୍ଧକ ଭାଗବତ ମାରାଣ୍ଡି, ବଡ଼ବେରଣା ସେବା



ସମବାୟ ସମିତିର ସଭାପତି ପରମାନନ୍ଦ ମହାପାତ୍ର, ସମ୍ପାଦକ ମଦନ ମୋହନ ସାହୁ, ନିରଞ୍ଜନ ଦାଶ, ସମାଜସେବୀ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ସଭାପତି ପୁରୁଷୋତ୍ତମ ମହାପାତ୍ର, ସଦସ୍ୟ ବଂଶୀଧର ପାଣିଗ୍ରାହୀ, ଅରୁଣ କୁମାର ମହାପାତ୍ର, ପ୍ରମିଳା ବେହେରା, ସବିତା ରାଣୀ ପଣ୍ଡା, କାହ୍ନୁ ଚରଣ ସାହୁ, ମହାଦେବ ଗୁରୁ, ଶୁକ ଦେବ ସାହୁ, ବିଦ୍ୟାଧର ପ୍ରଧାନ ଓ ପତି ତପାବନ ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ।

## ତହସିଲଦାରଙ୍କ ଯୋଗଦାନ

ବେଗୁନିଆ, ୯।୧(ସମିସ): ବେଗୁନିଆର ନୂତନ ତହସିଲଦାର ଭାବେ ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ଯୋଗ ଦେଇଛନ୍ତି। ସେ ଯୋଗ ଦେବା ପରେ କାର୍ଯ୍ୟାଳୟର କର୍ମଚାରୀ, ସାମ୍ବାଦିକ ଓ ଅଞ୍ଚଳର ବହୁ ବ୍ୟକ୍ତି ସ୍ୱାଗତ ଜଣାଇଥିଲେ। ଏଠାରେ କାର୍ଯ୍ୟରତ ତହସିଲଦାର ତାପସ ବିଶିଙ୍କର ବଦଳି ପରେ ଶ୍ରୀ ଷଡ଼ଙ୍ଗୀ ଯୋଗଦେଇଛନ୍ତି। ଯୋଗଦାନ ପରେ ସମସ୍ତ ସରକାରୀ କାର୍ଯ୍ୟ କିପରି ଠିକ ଭାବେ ହୋଇପାରିବ, ସେ ନେଇ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ।

## ରାସ୍ତାରେ ଠିଆ ହେଉଛି ହାତୀ; କାବୁ କରିବାକୁ ଦାବି

ବେଗୁନିଆ, ୯।୧(ସମିସ): ବର୍ତ୍ତମାନ ପରିପ୍ରେକ୍ଷୀରେ ଦିନକୁ ଦିନ ମଣିଷ ବିଜ୍ଞାନ ବଳରେ ପ୍ରଯୁକ୍ତି ବିଦ୍ୟାକୁ ଆୟତ୍ତ କରି ସର୍ବ ସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ



ଶତ ଚେଷ୍ଟା ଜାରି ରହିଛି। ତେବେ କିଛି ଅସାମାଜିକ ଯୁବକ ବିଜ୍ଞାନର ପ୍ରଯୁକ୍ତି ବିଦ୍ୟାର ଇସ ଫଟୋ ଫ୍ରେମକୁ ବ୍ୟବହାର କରି ସର୍ବ ସାଧାରଣରେ ଲୋକ ମାନଙ୍କୁ ଭୟଭୀତ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ଏକ ହାତୀ ରାସ୍ତା ଉପରେ ବୁଲୁଥିବା ଓ ଦୋକାନ ସମ୍ମୁଖରେ ଥିବା ଦୃଶ୍ୟଟି ଭାଇରାଲ୍ ହେବାରେ ଲାଗିଛି। ଦେଖିବାକୁ ଗଲେ ହାତୀର ଭାଇରାଲ ଫଟୋଟି ଅବାସ୍ତବ ହୋଇ ଥିଲେ ମଧ୍ୟ ଜନ ସାଧାରଣ ଭୟ ଓ ଆଶଙ୍କାରେ ରହିବାକୁ ବାଧ୍ୟ ହେଉଛନ୍ତି। ଏହି ଇସ ଫଟୋ ଫ୍ରେମରୁ ଯୁବପିଢ଼ି ନିବୃତ ହୋଇ ସମାଜ ପରିବର୍ତ୍ତନ ପାଇଁ ନୂତନ ବାର୍ତ୍ତାର ଦେଇ ପାରିଲେ ମଙ୍ଗଳ ହୋଇ ପାରନ୍ତା ବୋଲି ସଚେତନ ନାଗରିକ ମାନେ ମତ ଦେଇଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ସରକାର ସାଇବର ଅପରାଧ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟନ ସହ କାର୍ଯ୍ୟକାରୀ କରୁଥିବା ବେଳେ ଜନ ସାଧାରଣଙ୍କୁ ଭୟଭୀତ କରିବା ପାଇଁ ଇସ ଫଟୋ ଫ୍ରେମକୁ ମାଧ୍ୟମରେ ହାତୀ ବୁଲୁଥିବାର ଦୃଶ୍ୟକୁ ଭାଇରାଲ କରିଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର୍ ଧରିଛି।

## ଖୋର୍ଦ୍ଧା ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

ଖୋର୍ଦ୍ଧା/ବୋଲଗଡ଼, ୯।୧(ସମିସ)



କ୍ଷୁଦ୍ର କ୍ଷୁଦ୍ର ଜଳ ସେଚନ ବିଭାଗର ଖୋର୍ଦ୍ଧା ବିଭାଜନ ପକ୍ଷରୁ ପାଣିପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ବିଭାଗୀୟ ଖୋର୍ଦ୍ଧା ଅଧୀକ୍ଷଣ ଯନ୍ତ୍ରୀ ବସନ୍ତ ସୋରେନଙ୍କ ତତ୍ତ୍ୱାବଧାନରେ ବୋଲଗଡ଼ ବ୍ଲକ ପାଟବନ୍ଧ ସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବେଗୁନିଆଁ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ଉଦଘାଟନ କରି ଥିଲେ। ବୋଲଗଡ଼ ବ୍ଲକ ଏକ ମରୁଡ଼ି ପ୍ରବଣ ଅଞ୍ଚଳ ହୋଇଥିବାରୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକର ବିକାଶ ଏବଂ ସମ୍ପ୍ରସାରଣ ତଥା ପୁନଃରୁଦ୍ଧାର ଆଦି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରାଯିବାକୁ ସେ ତାଙ୍କ ଅଭିଭାଷଣରେ ଗୁରୁତ୍ୱ ଦେଇଥିଲେ। ଖୋର୍ଦ୍ଧା ବିଭାଜନର ସହକାରୀ ନିର୍ବାହୀ ଯନ୍ତ୍ରୀ କମ୍ପାନୀ ବେହେରା ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିବା ସହିତ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ ଚାଷୀଙ୍କୁ ସଙ୍ଗଠିତ କରିବା ସହ ପାଣିପଞ୍ଚାୟତ ମାଧ୍ୟମରେ ସେମାନେ ଜଳସେଚନ ସୁବିଧା ପାଇ ଯେଉଁଳି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମ କରାଯାଉଛି। ଚାଷୀ ଏବଂ ପାଣି ଫଞ୍ଚ।।ୟତ ସହିତ ମିଳିମିଶି କ୍ଷଦ୍ର ଜଳ ସେଚନ ପ୍ରକଳ୍ପ ଗୁଡିକର ସୁପରିଚାଳନା, ରକ୍ଷଣା ବେକ୍ଷଣ, ପୁନଃରୁଦ୍ଧାର ଓ ନିର୍ମାଣ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ଆବଶ୍ୟକୀୟ ଗୁରୁତ୍ୱ ଦିଆଯାଉଥିବାର ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ ସୀମା ନାୟକ କହିଥିଲେ। ଉପସ୍ଥିତ ଚାଷୀ ମାନଙ୍କର ମତାମତ ଅନୁସାରେ ଯେଉଁ ଜଳସେଚନ ପ୍ରକଳ୍ପ ଗୁଡିକର ଯାହା ସବୁ ଅସୁବିଧା ରହିଛି ସେଗୁଡିକର ଖୁବ ଶୀଘ୍ର ସମାଧାନ କରିବାକୁ ବିଭାଗଯନ୍ତ୍ରୀଙ୍କୁ ବିଧାୟକ ଶ୍ରୀ ସାହୁ ମଞ୍ଚ ଉପରେ ପରାମର୍ଶ ପ୍ରଦାନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ବିଭାଗୀୟ ଟାଙ୍ଗି ବ୍ଲକ ର ସହକାରୀ ଯନ୍ତ୍ରୀ ମନୋରଞ୍ଜନ ମିଶ୍ର, ଖୋର୍ଦ୍ଧା କନିଷ୍ଠ ଯନ୍ତ୍ରୀ ଋତୁପର୍ଣ୍ଣା ପାତ୍ର, ଖୋର୍ଦ୍ଧା ବିଭାଜନର କ୍ୟାସିୟର ମାନସ କୁମାର ମିଶ୍ର ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଯୋଗ ଦେଇ ସହଯୋଗ କରିଥିଲେ। ଅତିଥି ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ସାଗରଗୁଆଁ ସରପଞ୍ଚ, ସମିତି ସଭ୍ୟଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ଏବଂ ଶ୍ରମିକ ନେତା ସୁମନ୍ତ ଛୋଟରାୟ ପ୍ରମୁଖ ମଞ୍ଚାସୀନ ରହି ପାଣି ପଞ୍ଚାୟତ ବିଷୟରେ ବକ୍ତବ୍ୟ ଦେଇଥିଲେ। ପୂର୍ବରୁ ବିଭାଗ ପକ୍ଷରୁ ସ୍ଥାନୀୟ ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍କୁଲ ଗୁଡ଼ିକରେ ଆୟୋଜନ କରାଯାଇଥିବା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ସମେତ ଅଞ୍ଚଳର ବହୁ ସଂଖ୍ୟାରେ ଚାଷୀମାନେ ଉପସ୍ଥିତ ଥିଲେ।

